ଗୁଜରାଟ ରାଜ୍ୟ

ବନାମ

ସି.ଜି. ରାୟାନୀ

ନଭେମ୍ବର 21, 1994

[କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ବରିଷ୍ଠତା - ପଞ୍ଚାୟତ ସେବା - କନିଷ୍ଠ ଯନ୍ତ୍ରୀ - କାମଚଳା ନିଯୁକ୍ତି - ଚୟନ ପରିଷଦ ଦ୍ୱାରା ପରବର୍ତ୍ତୀ ନିୟମିତ ନିଯୁକ୍ତି - ପରସ୍ପର ମଧ୍ୟରେ ବରିଷ୍ଠତା - ଏହାର ନିର୍ଦ୍ଧାରଣ - ନିର୍ଣ୍ଣୟ କରାଗଲା : କାମଚଳା ସେବାକୁ ଗଣନା କରାଯିବ ନାହିଁ - ବରିଷ୍ଠତା ଉଦ୍ଦେଶ୍ୟରେ କେବଳ ନିୟମିତ ସେବାକୁ ଗଣନା କରାଯିବ ।*

ଉତ୍ତରଦାତାଙ୍କୁ 1969 ରେ କାମଚଳା ଆଧାରରେ କନିଷ୍ଠ ଯନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା । ଏହା ପରେ ପଞ୍ଚାୟତ ସେବା ଚୟନ ପରିଷଦ ଗଠନ କରାଯାଇଥିଲା ଏବଂ ଏହା ନିୟମିତ ନିଯୁକ୍ତି ପାଇଁ ପ୍ରାର୍ଥୀମାନଙ୍କୁ ସୁପାରିଶ କରିଥିଲା, ସେମାନଙ୍କ ମଧ୍ୟରୁ ଉତ୍ତରଦାତା ଜଣେ ଥିଲେ । ଅସ୍ଥାୟୀ ବରିଷ୍ଠତା ତାଲିକା ଅନୁଯାୟୀ, ଉତ୍ତରଦାତାଙ୍କୁ 1978 ରେ ଉପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବରେ ପଦୋନ୍ନତି ଦିଆଯାଇଥିଲା । ଏହାପରେ ରାଜ୍ୟ ସେବା ତଥା ପଞ୍ଚାୟତ ବିଭାଗର କର୍ମଚାରୀଙ୍କ ପାଇଁ ଏକ ସାଧାରଣ ବରିଷ୍ଠତା ତାଲିକା ପ୍ରସ୍ତୁତ କରାଯାଇଥିଲା । ସେହି ତାଲିକାରେ ଉତ୍ତରଦାତାଙ୍କ ନାମ କ୍ରମିକ ସଂଖ୍ୟା 69 ରେ ସ୍ଥାନିତ ହୋଇଛି । କାରଣ ଦର୍ଶାଅ ବିଜ୍ଞପ୍ତି ଜାରି କରିବା ପରେ ଏବଂ ଆପତ୍ତିଗୁଡ଼ିକୁ ବିଚାରକୁ ନେବା ପରେ, ସରକାର 1971 ରେ ପରସ୍ପର ମଧ୍ୟରେ ବରିଷ୍ଠତା ସ୍ଥିର କରିଥିଲେ । ଉତ୍ତରଦାତାଙ୍କ ବରିଷ୍ଠତା କ୍ରମିକ ସଂଖ୍ୟା 109 ରେ ଦର୍ଶାଯାଇଥିଲା । 1982 ମସିହାରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ପୁନଃନିଯୁକ୍ତ ହୋଇଥିଲେ । ଉତ୍ତରଦାତା ଏକ ମକଦ୍ଦମା ଆଗତ କରି ପଦହ୍ରାସକୁ ଆପତ୍ତି କରିଥିଲେ, ଯାହା ଆଇନଗତ ଆଦେଶ ଦ୍ୱାରା ଅନୁମୋଦିତ ହୋଇଥିଲା ଏବଂ ଅପିଲରେ ଏହାକୁ ସୁନିଶ୍ଚିତ କରାଯାଇଥିଲା । ଯେହେତୁ ଦ୍ୱିତୀୟ ଅପିଲ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଥିଲା, ରାଜ୍ୟ ସରକାର ବର୍ତ୍ତମାନର ଅପିଲ ଆଗତ କରିଥିଲେ ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ ନିର୍ଣ୍ଣୟ କଲେ :

1.1. ଦେୱାନୀ ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟ ଆକସ୍ମିକ ନିଯୁକ୍ତିର ପ୍ରାରମ୍ଭିକ ତାରିଖରୁ, ଅର୍ଥାତ୍ 20 ମଇ, 1969 ରେ ହୋଇଥିବା କାମଚଳା ନିଯୁକ୍ତିରୁ ଉତ୍ତରଦାତାଙ୍କ ବରିଷ୍ଠତା ସ୍ଥିର କରିବାରେ ଏକ ଗୁରୁତର ଆଇନଗତ ତ୍ରୁଟି କରିଛନ୍ତି ।

1.2. 1969 ମସିହା ମେ 20 ରେ ଉତ୍ତରଦାତାଙ୍କ ନିଯୁକ୍ତି କୌଣସି ଗ୍ରହଣୀୟ ଚୟନ ପ୍ରକ୍ରିୟା ଅନୁସରଣ ନକରି କାମଚଳା ଆଧାରରେ କରାଯାଇଥିଲା । ସେ ମଧ୍ୟ ପଞ୍ଚାୟତ ସେବା ଚୟନ ପରିଷଦ ଦ୍ୱାରା ନିୟମିତ ନିଯୁକ୍ତି

**ପାଇଁ ଆବେଦନ କରିଥିଲେ ଏବଂ ମନୋନୀତ ହୋଇଥିଲେ ଏବଂ ଚୟନ ତାରିଖ ଅର୍ଥାତ୍ ଜୁଲାଇ 15, 1972 ଠାରୁ ନିୟମିତକରଣ କରିବାକୁ ଚେଷ୍ଟା କରାଯାଇଥିଲା । ତେଣୁ, ମେ 20, 1969 ରୁ ଜୁଲାଇ 14, 1972 ମଧ୍ୟରେ ଉତ୍ତରଦାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କମାଚଳା ସେବାକୁ ଧ୍ୟାନରେ ରଖାଯାଇ ନଥିଲା, କାରଣ ତାଙ୍କ ବରିଷ୍ଠତା କେବଳ ଚୟନ ତାରିଖ, ଅର୍ଥାତ୍ ଜୁଲାଇ 15, 1972 ରୁ ଗଣନା କରାଯାଇଥିଲା । ସ୍ୱୀକାରଯୋଗ୍ୟ ଯେ, ସେହି ତାରିଖ ଉତ୍ତରଦାତା ତଥା ଯେଉଁମାନେ ଅସ୍ଥାୟୀ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ମନୋନୀତ ହୋଇଥିଲେ ସେମାନଙ୍କୁ ମଧ୍ୟ ଦିଆଯାଇଛି । ଏହାଦ୍ୱାରା, ଉତ୍ତରଦାତାଙ୍କ ବରିଷ୍ଠତା କେବଳ ସେହି ତାରିଖଠାରୁ ଗଣନା କରାଯିବା ଉଚିତ ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 89218/1994 ।

ଏସ୍.ଏ. ସଂଖ୍ୟା 81/1986 ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ତା 2.9.1993 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପି.ଏସ୍. ପୋଟୀ, ଆର୍. କରଞ୍ଜାୱାଲା, ସୁଶ୍ରୀ କରଞ୍ଜାୱାଲା, ସୁଶ୍ରୀ ନନ୍ଦିନୀ ଗୋରେ ଏବଂ ସୁଶ୍ରୀ ବିଦୁଲା ।

ଉତ୍ତରଦାତାଙ୍କ ପାଇଁ ଆର୍.ଏନ୍. କେଶୱାନୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା ପ୍ରଦାନ କରାଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ସ୍ୱୀକୃତ ତଥ୍ୟ ହେଉଛି ଯେ ଉତ୍ତରଦାତାଙ୍କୁ ମେ 20, 1969 ରେ ଜିଲ୍ଲା ପଞ୍ଚାୟତର ଜୁନାଗଡ଼ର ଜଣେ କନିଷ୍ଠ ଯନ୍ତ୍ରୀ ଭାବରେ କାମଚଳା ଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା । ଏହାପରେ ନିୟମିତ ନିଯୁକ୍ତି ପାଇଁ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବା ପାଇଁ ପଞ୍ଚାୟତ ସେବା ଚୟନ ପରିଷଦ ଗଠନ କରାଯାଇଥିଲା । ପରିଷଦ ନିୟମିତ ନିଯୁକ୍ତି ପାଇଁ ପ୍ରାର୍ଥୀମାନଙ୍କୁ ଚୟନ ଏବଂ ସୁପାରିଶ କରିଥିଲା, ଯେଉଁମାନଙ୍କ ମଧ୍ୟରେ ଉତ୍ତରଦାତା ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣେ ଥିଲେ । ଅସ୍ଥାୟୀ ବରିଷ୍ଠତା ତାଲିକା ଅନୁଯାୟୀ, ଉତ୍ତରଦାତାଙ୍କୁ ଉପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପଦବୀକୁ ଅସ୍ଥାୟୀ ପଦୋନ୍ନତି ପାଇଁ ବିବେଚନା କରାଯାଇଥିଲା ଏବଂ ମାର୍ଚ୍ଚ 6, 1978 ରେ ନିଯୁକ୍ତ ହୋଇଥିଲେ । ଏହା ପରେ ଜଣାପଡୁଛି ଯେ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ସେବାକୁ ଅସ୍ଥାୟୀ କରାଯାଇଛି ଏବଂ ରାଜ୍ୟ ସେବା ତଥା ପଞ୍ଚାୟତ ବିଭାଗର କର୍ମଚାରୀଙ୍କ ସାଧାରଣ ବରିଷ୍ଠତା ତାଲିକା ପ୍ରସ୍ତୁତ କରାଯାଇଛି । ଏଥିରେ ଉତ୍ତରଦାତାଙ୍କ ନାମ କ୍ରମିକ ସଂଖ୍ୟା 69ସଂଖ୍ୟା ସ୍ଥାନ ପାଇଥିଲା । ସମସ୍ତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ବିଜ୍ଞପ୍ତି ଜାରି କରିବା ପରେ ଏବଂ ସେମାନଙ୍କ ଆପତ୍ତି ଉପରେ ବିଚାର କରିବା ପରେ, ସରକାର 10 ନଭେମ୍ବର, 1981 ରେ ସେମାନଙ୍କ କାର୍ଯ୍ୟାନୁଷ୍ଠାନରେ, ଅନୁଲଗ୍ନକ-47ରେ, ପରସ୍ପର ମଧ୍ୟରେ ବରିଷ୍ଠତା ସ୍ଥିର କରିଥିଲେ । ଏଥିରେ ଉତ୍ତରଦାତାଙ୍କ ବରିଷ୍ଠତା କ୍ରମିକ ସଂଖ୍ୟା 109 ରେ ଦର୍ଶାଯାଇଥିଲା । ପରସ୍ପର ମଧ୍ୟରେ ବରିଷ୍ଠତା ଚୂଡ଼ାନ୍ତ ହେବା ପରେ, ସେ ଜାନୁଆରୀ 4, 1982 ରେ କନିଷ୍ଠ ଯନ୍ତ୍ରୀ ଭାବରେ ପୁନଃନିଯୁକ୍ତ ହୋଇଥିଲେ । ଉତ୍ତରଦାତା ଏକ ମକଦ୍ଦମା ଦାୟର କରି ପଦହ୍ରାସକୁ ଆପତ୍ତି କରିଥିଲେ । ଏହି ମକଦ୍ଦମାର ଆଇନଗତ ଆଦେଶ ପ୍ରଦାନ

କରାଯାଇଥିଲା ଏବଂ ଅପିଲରେ ଏହାକୁ ସୁନିଶ୍ଚିତ କରାଯାଇଥିଲା । 1983 ମସିହା ସେପ୍ଟେମ୍ବର 2 ତାରିଖର ଏସ୍.ଏ. ସଂଖ୍ୟା 81/86 କୁ ଖାରଜ କରିଦିଆଯାଇଥିଲା । ତେଣୁ ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲ କରାଯାଇଛି ।

1981 ମସିହା ନଭେମ୍ବର 11 ତାରିଖର ଆଦେଶ ଦ୍ୱାରା ସେବାକୁ ନିୟମିତ କରିବା ସମୟରେ, ଏହାର ଖଣ୍ଡ-V ରେ ପରସ୍ପର ମଧ୍ୟରେ ବରିଷ୍ଠତା ନିର୍ଦ୍ଧାରଣ ପାଇଁ ମାନଦଣ୍ଡ ନିମ୍ନମତେ ପ୍ରଦାନ କରାଯାଇଥିଲା : -

> "ଚୟନ/ନିୟମିତ ନିଯୁକ୍ତି ପୂର୍ବରୁ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପୂର୍ବ ସେବା କିମ୍ବା କାର୍ଯ୍ୟ ଦାୟିତ୍ୱ କିମ୍ବା ଅସ୍ଥାୟୀ ପ୍ରତିଷ୍ଠାନକୁ ଅଣଦେଖା କରି, ରାଜ୍ୟ ଏବଂ ପଞ୍ଚାୟତ ଉଭୟ ସେବା ସମ୍ପର୍କରେ ନିରନ୍ତର ସେବାର ଅବଧି ନିୟମିତ ନିଯୁକ୍ତି ପରେ ଅସ୍ଥାୟୀ ପ୍ରତିଷ୍ଠାନରେ ସେବାରେ ଯୋଗଦାନର ନିରନ୍ତର ତାରିଖକୁ ନେଇ ସ୍ଥିର କରାଯାଇଛି ।"

ଏହି ନୀତି ଆଧାରରେ ପରସ୍ପର ମଧ୍ୟରେ ବରିଷ୍ଠତା ନିର୍ଦ୍ଧାରଣ କରାଯାଇଛି । ସ୍ୱୀକାରଯୋଗ୍ୟ ଯେ, 1969 ମସିହା ମେ 20 ତାରିଖରେ କୌଣସି ଗ୍ରହଣୀୟ ଚୟନ ପ୍ରକ୍ରିୟା ଅନୁସରଣ ନକରି କାମଚଳା ଆଧାରରେ ଉତ୍ତରଦାତାଙ୍କ ନିଯୁକ୍ତି କରାଯାଇଥିଲା । ସେ ମଧ୍ୟ ପଞ୍ଚାୟତ ସେବା ଚୟନ ପରିଷଦ ଦ୍ୱାରା ନିୟମିତ ନିଯୁକ୍ତି ପାଇଁ ଆବେଦନ କରିଥିଲେ ଏବଂ ମନୋନୀତ ହୋଇଥିଲେ ଏବଂ ଚୟନ ତାରିଖ, ଅର୍ଥାତ୍ ଜୁଲାଇ 15, 1972 ରୁ ନିୟମିତକରଣ କରିବାକୁ ଚେଷ୍ଟା କରାଯାଇଥିଲା । ତେଣୁ, 1969 ମସିହା ମେ ମାସ 20 ତାରିଖ ଠାରୁ 1972 ମସିହା ଜୁଲାଇ ମାସ 14 ତାରିଖ ମଧ୍ୟରେ ଉତ୍ତରଦାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅସ୍ଥାୟୀ ସେବାକୁ ଧ୍ୟାନରେ ରଖାଯାଇ ନଥିଲା, କାରଣ ତାଙ୍କ ବରିଷ୍ଠତା କେବଳ ଚୟନ ତାରିଖ, ଅର୍ଥାତ୍ 1972 ମସିହା ଜୁଲାଇ ମାସ 15 ତାରିଖ ଠାରୁ ଗଣନା କରାଯାଇଥିଲା । ସ୍ୱୀକାରଯୋଗ୍ୟ ଯେ, ସେହି ତାରିଖଟିକୁ ଉତ୍ତରଦାତା ତଥା ଅସ୍ଥାୟୀ ଭାବରେ ନିଯୁକ୍ତ ହୋଇଥିବା ଏବଂ ମନୋନୀତ ହୋଇଥିବା ଲୋକଙ୍କୁ ଦିଆଯାଇଛି । ଏହାଦ୍ୱାରା, ଉତ୍ତରଦାତାଙ୍କ ବରିଷ୍ଠତା କେବଳ ସେହି ତାରିଖଠାରୁ ଗଣନା କରାଯିବା ଉଚିତ୍ । ଦେୱାନୀ ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟ ଆକସ୍ମିକ ନିଯୁକ୍ତିର ପ୍ରାରମ୍ଭିକ ତାରିଖ ଅର୍ଥାତ୍ ମେ 20, 1969 ରେ କରାଯାଇଥିବା କାମଚଳା ନିଯୁକ୍ତିରୁ ଉତ୍ତରଦାତାଙ୍କ ବରିଷ୍ଠତା ନିର୍ଣ୍ଣୟ କରିବାରେ ଗୁରୁତର ଆଇନଗତ ତ୍ରୁଟି କରିଛନ୍ତି । ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ନିମ୍ନ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶଗୁଡ଼ିକୁ ବାତିଲ କରିଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଆବେଦନକୁ ଅନୁମତି ଦିଆଗଲା ।

# ଗୁଜରାଟ ରାଜ୍ୟ ବନାମ ସି.ଜି. ରାୟାନୀ

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।